**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ଡବ୍ଲ୍ୟୁ. ପି. (ସି) ସଂଖ୍ୟା 16927/2016**

| | | |
|---|---|---|
| ଜ୍ୟୋସ୍ନାରାଣୀ ବେହେରା | ...... | ଆବେଦନକାରୀ |

-ବନାମ-

| | | |
|---|---|---|
| ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ | ...... | ପ୍ରତିପକ୍ଷମାନେ |
| **ଆବେଦନକାରୀଙ୍କ ପାଇଁ** | **:** | **ଶ୍ରୀଯୁକ୍ତ ଏସ୍. ମିଶ୍ର ଅଧିବକ୍ତା** |
| **ପ୍ରତିପକ୍ଷମାନଙ୍କ ପାଇଁ** | **:** | **ଶ୍ରୀଯୁକ୍ତ ଜି. ଏନ୍. ରାଉତ, ଏ ଏସ୍ ସି** |

..................

**ପୀଠାସୀନ : ନ୍ୟାୟମୂର୍ତ୍ତି ସଞ୍ଜୟ କୁମାର ମିଶ୍ର**

---

**ଶୁଣାଣି ଏବଂ ରାୟ ତାରିଖ : 26.06.2023**

---

**ଏସ୍. କେ. ମିଶ୍ର, ନ୍ୟାୟମୂର୍ତ୍ତି**

**1.** ଆବେଦନକାରୀ, ଯିଏକି ଜଳ ସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସ୍ୱର୍ଗତ ଅରୂପ କୁମାର ବେହେରାଙ୍କ ଆଇନଗତ ବିବାହିତା ପତ୍ନୀ, ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତା 12.07.2016 ରିଖର (ସଂଲଗ୍ନକ-14)ର ନିର୍ଣ୍ଣୟକୁ ଆପତ୍ତି କରି ଏହି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଯେଉଁଥିରେ ପୁନର୍ବାସ ସହାୟତା ନିୟମ ଅନୁଯାୟୀ ନିଯୁକ୍ତି ପାଇଁ ତାଙ୍କ ଆବେଦନକୁ କେବଳ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ସେ ସ୍ୱର୍ଗତ ଏ. କେ. ବେହେରାଙ୍କ ଦ୍ୱିତୀୟ ପତ୍ନୀ ହୋଇଥିବାରୁ, ଓଡ଼ିଶା ସିଭିଲ ସେବା (ପୁନର୍ବାସ ସହାୟତା ) ନିୟମ,

1990, ସଂକ୍ଷିପ୍ତରେ ନିୟମ, 1990, ଅନୁଯାୟୀ ମୃତ ବ୍ୟକ୍ତିଙ୍କ ଦ୍ୱିତୀୟ ପତ୍ନୀଙ୍କ ନିଯୁକ୍ତି ପାଇଁ ଏପରି କୌଣସି ବ୍ୟବସ୍ଥା ନାହିଁ । ଏହି ମର୍ମରେ କାର୍ମିକ ନିର୍ଦ୍ଦେଶକ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆନନ୍ଦପୁର ଆନିକଟ ପ୍ରକଳ୍ପ, ସାଲପଡ଼ାଙ୍କୁ ଦେଇଥିବା ଯୋଗାଯୋଗ, ଯାହାର ଏକ ନକଲ ଆବେଦନକାରୀଙ୍କୁ ସ୍ମାରକ ତାରିଖ 28.07.2016 (ସଂଲଗ୍ନକ-15) ମାଧ୍ୟମରେ ଚିହ୍ନିତ କରାଯାଇଥିଲା, ମଧ୍ୟ ଆପତ୍ତି ଅଧୀନରେ ଅଛି ।

**2.** ତଥ୍ୟ ମୂଳକ ଛାଞ୍ଚ, ଯାହା ବର୍ତ୍ତମାନ ରିଟ୍ ଆବେଦନକୁ ଦାଖଲ କରିବାକୁ ଆଗତ କରିଛି, ତାହା ହେଉଛି, ଆବେଦନକାରୀଙ୍କ ସ୍ୱାମୀ, ଯିଏ ଜଳ ସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲେ, 04.10.2008 ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ, ଆବେଦନକାରୀ ମୃତ ବ୍ୟକ୍ତିଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ ହୋଇଥିବାରୁ, ତାଙ୍କ ଦୁଇ ପିଲା, ଶ୍ୱଶୁର ଶାଶୁ ଏବଂ ନିଜ ବଞ୍ଚିବା ପାଇଁ 2009 ମସିହାରେ ନିୟମ, 1990 ଅନୁଯାୟୀ କର୍ତ୍ତୃପକ୍ଷଙ୍କୁ କନିଷ୍ଠ କିରାଣୀ ପଦବୀରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ସେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିଥିଲେ ଏବଂ ଉକ୍ତ ନିୟମାବଳୀ, 1990 ଅନୁଯାୟୀ ଆବଶ୍ୟକ ଦସ୍ତାବିଜଗୁଡିକ ଯଥା (i) ଆବେଦନକାରୀଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, (ii) ଆବେଦନକାରୀଙ୍କ ଜନ୍ମ ପ୍ରମାଣପତ୍ର, (iii) ଆବେଦନକାରୀଙ୍କ ଯୋଗ୍ୟତା ପ୍ରମାଣପତ୍ର, (iv) ଅନ୍ୟ ଆଇନଗତ ଉତ୍ତରାଧିକାରୀଙ୍କ ତରଫରୁ ଆପତ୍ତି ବିହୀନ ସତ୍ୟପାଠ ଏବଂ (v) ଆବେଦନକାରୀଙ୍କ ସ୍ୱାମୀଙ୍କ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିଥିଲେ । ଦୁରବସ୍ଥା ପ୍ରମାଣପତ୍ର ପ୍ରଦାନ ପାଇଁ ଆବେଦନ ଫର୍ମର ଚତୁର୍ଥ ଭାଗ ଅନୁଯାୟୀ ସେ ଜିଲ୍ଲାର ଜିଲ୍ଲାପାଳଙ୍କ ପାଖରେ ଅଭ୍ୟବେଦନ କରିଥିଲେ । ତେବେ, କିଛି ଭୁଲ ବୁଝାମଣା କାରଣରୁ, ତାଙ୍କ ଶାଶୁ, ତାଙ୍କ ସପକ୍ଷରେ ସ୍ୱର୍ଗତ ଏ. କେ. ବେହେରାଙ୍କର ଅନ୍ତିମ ସୁବିଧା ମୁକ୍ତ କରିବା ପାଇଁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ନିକଟରେ ଅଭ୍ୟବେଦନ କରିଥିଲେ । ଏହା ଓ. ଏ. ସଂଖ୍ୟା 1548 (C)/2010 ଭାବେ ପଞ୍ଜୀକୃତ ହୋଇଥିଲା । ଆବେଦନକାରୀଙ୍କ ସପକ୍ଷରେ ସ୍ୱର୍ଗତ ଏ. କେ. ବେହେରାଙ୍କର ମୃତ୍ୟୁ ପରର ବକେୟା ରାଶି ମୁକ୍ତ କରିବା ପାଇଁ ନ୍ୟାୟାଧିକରଣ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବରୋଧ ଲଗାଇ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରିନଥିଲେ ।

ତେଣୁ, ଆବେଦନକାରୀଙ୍କ ଶାଶୁ ଡବ୍ଲ୍ୟୁ. ପି. (ସି) ସଂଖ୍ୟା 13822/2010 ମାମଲାରେ ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ, ଯାହାର ଶେଷରେ 09.04.2014 ତାରିଖରେ ଫଏସଲା ହୋଇଥିଲା, ଯେଉଁଥିରେ ସ୍ୱର୍ଗତ ଏ. କେ. ବେହେରାଙ୍କର ଅବସରକାଳୀନ ଭତ୍ତା ଏବଂ ଅନ୍ୟାନ୍ୟ ଦେୟର ବିତରଣ ବିଷୟରେ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଆପୋଷ ବୁଝାମଣାର ସର୍ତ୍ତାବଳୀ ଅଭିଲେଖନ କରାଯାଇଥିଲା ।

**3.** ଏହା ପରେ, ଆବେଦନକାରୀ ନିୟମ, 1990 ଅନୁଯାୟୀ ନିଯୁକ୍ତି ପାଇଁ ତାଙ୍କ ଆବେଦନ ଉପରେ ଫଳପ୍ରଦ ବିଚାର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଦୁରବସ୍ଥା ପ୍ରମାଣପତ୍ର ଜାରି କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଶେଷରେ, ଜିଲ୍ଲାପାଳଙ୍କ ଯଥୋଚିତ ଅନୁମୋଦନ ସହିତ, ଉପ ଜିଲ୍ଲାପାଳ (ପ୍ରତିଷ୍ଠାନ), ଜିଲ୍ଲାପାଳ କାର୍ଯ୍ୟାଳୟ, ବାଲେଶ୍ୱର ଆନନ୍ଦପୁର ଆନିକଟ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ନିକଟକୁ ସ୍ୱର୍ଗତ ଏ. କେ. ବେହେରାଙ୍କ ପରିବାର ସପକ୍ଷରେ ଜାରି କରାଯାଇଥିବା ଦୁରବସ୍ଥା ପ୍ରମାଣପତ୍ରକୁ ଆବେଦନକାରୀଙ୍କୁ ନକଲ ସହିତ 20.08.2015 (ସଂଲଗ୍ନକ -7) ର ଚିଠି ମାଧ୍ୟମରେ ପଠାଇଥିଲେ ।

**4.** ସେହି ଅନୁଯାୟୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ନିୟମ, 1990 ଅନୁଯାୟୀ ଆବେଦନକାରୀଙ୍କ ମାମଲାର ବିଚାର ପାଇଁ ଆବଶ୍ୟକ ଦସ୍ତାବିଜ ସହିତ ଉକ୍ତ ଦୁରବସ୍ଥା ପ୍ରମାଣପତ୍ରକୁ ମୁଖ୍ୟ ଯନ୍ତ୍ରୀ, ଜଳ ସମ୍ପଦ, ଓଡ଼ିଶା, ଭୁବନେଶ୍ୱରକୁ ପଠାଇଥିଲେ ।

**5.** ଯେହେତୁ ଆବେଦନକାରୀଙ୍କ ବୟସ ବିଷୟରେ କିଛି ଅସାମଞ୍ଜସ୍ୟ ଥିଲା, ତେଣୁ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା 29.10.2015 ତାରିଖର ଚିଠି ମାଧ୍ୟମରେ ସ୍ପଷ୍ଟୀକରଣ ମଗାଯାଇଥିଲା । ଏହା ବ୍ୟତୀତ, ତାଙ୍କୁ ସ୍ୱର୍ଗତ ଏ. କେ. ବେହେରାଙ୍କ ପୁଅ ସୌମ୍ୟ ରଞ୍ଜନ ବେହେରାଙ୍କ ଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଥିଲା, କାରଣ ସେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ କରିବା ସମୟରେ, ଅର୍ଥାତ୍ 24.11.2008 ରେ, ନାବାଳକ ଥିଲେ, ଏବଂ 2015 ମସିହାରେ ସାବାଳକ ହୋଇଥିଲେ ।

**6.** ଉକ୍ତ ଯୋଗାଯୋଗର ଜବାବରେ, ଭଦ୍ରକ ସାଳନ୍ଦୀ କେନାଲ ମଣ୍ଡଳର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏକ ବିସ୍ତୃତ ସ୍ପଷ୍ଟୀକରଣ ପତ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆନନ୍ଦପୁର ଆନିକଟ ପ୍ରକଳ୍ପ, ସାଲପଡ଼ାକୁ ଜାରି କରିଥିଲେ ଏବଂ ଏହାର ନକଲ ଆବେଦନକାରୀଙ୍କୁ ଚିହ୍ନିତ କରାଯାଇଥିଲା । କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଉକ୍ତ ସୂଚନା ପାଇବା ପରେ, ତାକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଳ ସମ୍ପଦର ମୁଖ୍ୟ ଯନ୍ତ୍ରୀଙ୍କୁ 09.02.2016 ତାରିଖର ଚିଠି ମାଧ୍ୟମରେ ପଠାଯାଇଥିଲା ।

**7.** ସମସ୍ତ ସର୍ତ୍ତ ପୂରଣ ଏବଂ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଦାଖଲରେ ସନ୍ତୁଷ୍ଟ ହେବା ପରେ, କାର୍ମିକ ନିର୍ଦ୍ଦେଶକ, ନିୟମାବଳୀ, 1990 ଅନୁଯାୟୀ "କନିଷ୍ଠ କିରାଣୀ" ପଦବୀରେ ଆବେଦନକାରୀଙ୍କ ନିଯୁକ୍ତି ପ୍ରସ୍ତାବ ସମ୍ପର୍କରେ ସରକାରଙ୍କ ଉପ ସଚିବ, ଜଳ ସମ୍ପଦ ବିଭାଗ, ଭୁବନେଶ୍ୱରଙ୍କୁ 22.02.2016 ରେ ଲେଖିଥିଲେ । ଏଥିରେ ଏହା ସୂଚିତ କରାଯାଇଥିଲା ଯେ ଆବେଦନପତ୍ରର ଭାଗ-4 ର ଆବଶ୍ୟକ ଅନୁଯାୟୀ ଜିଲ୍ଲାପାଳ ଦୁରବସ୍ଥା ପ୍ରମାଣପତ୍ର ମଧ୍ୟ ଜାରି କରିଛନ୍ତି ଏବଂ ଆବେଦନକାରୀ ମଧ୍ୟ ସରକାରୀ ସ୍ତରରେ ଅଧିକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଞ୍ଚ ତାଲିକା ଅନୁଯାୟୀ ତାଙ୍କ ପ୍ରାର୍ଥିତ୍ୱକୁ ବିଚାର କରିବା ପାଇଁ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିଛନ୍ତି । ତେବେ, ଯେତେବେଳେ ଆବେଦନକାରୀ ନିୟମାବଳୀ, 1990 ଅନୁଯାୟୀ ତାଙ୍କ ସପକ୍ଷରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତିର ଆଦେଶ ପାରିତ ହେବ ବୋଲି ବିଧି ସଙ୍ଗତ ଭାବରେ ଆଶା କରୁଥିଲେ, ସେତେବେଳେ କାର୍ମିକ ନିର୍ଦ୍ଦେଶକ, (ପ୍ରତିପକ୍ଷ ସଂଖ୍ୟା 5) 28.07.2016 ତାରିଖର ଚିଠି ମାଧ୍ୟମରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ ଆବେଦନକାରୀଙ୍କ ନିଯୁକ୍ତି ପ୍ରସ୍ତାବ ଜି. ଏ. ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସମ୍ମୁଖରେ ବିଚାର ପାଇଁ ରଖାଯାଇଥିଲା । ପରବର୍ତ୍ତୀ ସମୟରେ, କମିଟି, ଉପଯୁକ୍ତ ବିଚାର ପରେ, ନିୟମାବଳୀ, 1990 ଅନୁଯାୟୀ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାମଲାକୁ ପ୍ରତ୍ୟାଖ୍ୟାନ କରିଥିଲେ, ଏହି ମନ୍ତବ୍ୟ ସହିତ ଯେ 04.10.2008 ରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ, ତାଙ୍କ ଦ୍ୱିତୀୟ ପତ୍ନୀ ନିୟମାବଳୀ, 1990 ଅନୁଯାୟୀ ନିଯୁକ୍ତି ପାଇଁ 05.06.2009 ରେ ଆବେଦନ କରିଛନ୍ତି,

ଯେହେତୁ କର୍ମଚାରୀଙ୍କ ମୃତ୍ୟୁ ସମୟରେ ତାଙ୍କ ପ୍ରଥମ ପତ୍ନୀଙ୍କ ପୁଅ ନାବାଳକ ଥିଲେ ଏବଂ ନିୟମାବଳୀ, 1990 ରେ ଦ୍ୱିତୀୟ ପତ୍ନୀଙ୍କ ନିଯୁକ୍ତି ପାଇଁ ଏପରି କୌଣସି ବ୍ୟବସ୍ଥା ନାହିଁ ଏବଂ ଉକ୍ତ ଯୋଗାଯୋଗର ଏକ ନକଲ ଆବେଦନକାରୀଙ୍କୁ ଚିହ୍ନିତ କରାଯାଇଥିଲା ।

**8.** ରାଜ୍ୟ-ପ୍ରତିପକ୍ଷମାନେ ଏକ ପାଲଟା ଶପଥପତ୍ର ଦାଖଲ କରିଛନ୍ତି ଯେଉଁଥିରେ ଏକ ଆଭିମୁଖ୍ୟ ଗ୍ରହଣ କରାଯାଇଛି ଯେ ଆବେଦନକାରୀ ନିୟମାବଳୀ, 1990 ଅନୁଯାୟୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସାଲନ୍ଦୀ କେନାଲ ମଣ୍ଡଳ, ଭଦ୍ରକଙ୍କ ନିକଟରେ ନିଜ ନିଯୁକ୍ତି ପାଇଁ ଆବେଦନ ଦାଖଲ କରିଥିଲେ, ଯାହା ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆନନ୍ଦପୁର ଆନିକଟ ପ୍ରକଳ୍ପ, ସାଲପଡ଼ା ମାଧ୍ୟମରେ ପ୍ରକ୍ରିୟାକରଣ କରାଯାଇଥିଲା । ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ଆବେଦନକାରୀ ଆର୍. ଏ. ଯୋଜନା ଅଧୀନରେ ନିଯୁକ୍ତି ପାଇଁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସାଲନ୍ଦୀ କେନାଲ ମଣ୍ଡଳ, ଭଦ୍ରକ (ଯାହାଙ୍କ ଅଧୀନରେ ଆବେଦନକାରୀଙ୍କ ସ୍ୱର୍ଗତ ସ୍ୱାମୀ ଶ୍ରୀଯୁକ୍ତ ଏ. କେ. ବେହେରା କାର୍ଯ୍ୟ କରୁଥିଲେ)ଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ । ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆନନ୍ଦପୁର ଆନିକଟ ପ୍ରକଳ୍ପ, ସାଲପଡ଼ାଙ୍କ ଦେଇ ଯିବା ପରେ, ଶେଷରେ ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର 22.02.2016 ତାରିଖର ଚିଠି ମାଧ୍ୟମରେ ଜଳ ସମ୍ପଦ ବିଭାଗର ସରକାରଙ୍କ ଉପ ସଚିବଙ୍କୁ ଦାଖଲ କରାଯାଇଥିଲା । ଉକ୍ତ ପ୍ରସ୍ତାବକୁ ବିଚାର ପାଇଁ ଜିଏ ବିଭାଗର ସରକାରଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ନିକଟରେ ରଖାଯାଇଥିଲା । ଏହାକୁ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଆବେଦନକାରୀ ମୃତ କର୍ମଚାରୀଙ୍କ ଦ୍ୱିତୀୟ ପତ୍ନୀ, ଯିଏ ଆର୍. ଏ. ଯୋଜନା ଅଧୀନରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ, ଯେତେବେଳେ ପ୍ରଥମ ପତ୍ନୀଙ୍କ ନାବାଳକ ପୁଅ ଅଛନ୍ତି ଏବଂ ଦ୍ୱିତୀୟ ପତ୍ନୀ ନିଯୁକ୍ତି ପାଇଁ ନିୟମାବଳୀ, 1990 ଅନୁଯାୟୀ କୌଣସି ବ୍ୟବସ୍ଥା ନାହିଁ । କମିଟିର ଉକ୍ତ ନିର୍ଣ୍ଣୟକୁ 12.07.2016 ତାରିଖର ଚିଠି ମାଧ୍ୟମରେ ସୂଚିତ କରାଯାଇଥିଲା । ପାଲଟା ଶପଥପତ୍ରରେ ଆହୁରି କୁହାଯାଇଛି ଯେ ଆବେଦନକାରୀଙ୍କ ଦ୍ୱାରା ଅଭିଯୋଗ ଅନୁଯାୟୀ ଉକ୍ତ ନିର୍ଣ୍ଣୟ ମନମୁଖୀ ନୁହେଁ । ବରଂ ଏହା ପୁନର୍ବାସ ସହାୟତା ନିୟମାବଳୀ, 1990 ସହିତ ମେଳ ଖାଉଛି ।

**9.** ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ନିବେଦନ କରନ୍ତି, ସ୍ୱର୍ଗତ ଏ. କେ. ବେହେରାଙ୍କ ପତ୍ନୀ ଶ୍ରୀମତୀ ରଞ୍ଜିତା ବେହେରା 12.06.1999 ରେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ, ଏ. କେ. ବେହେରା ଆବେଦନକାରୀଙ୍କୁ 13.06.2002 ରେ ବିବାହ କରିଥିଲେ ଏବଂ ସେ ଏ. କେ. ବେହେରାଙ୍କର ଆଇନଗତ ଭାବରେ ବିବାହିତ ପତ୍ନୀ ହୋଇଥିଲେ ଏବଂ ସେ "ଦ୍ୱିତୀୟ ପତ୍ନୀ" ବୋଲି ଦର୍ଶାଇ ଆବେଦନକାରୀଙ୍କର ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଭୁଲ ଧାରଣା । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଆହୁରି ଉପସ୍ଥାପନା କରନ୍ତି, ଏହା ଦ୍ୱିବିବାହର ମାମଲା ନୁହେଁ । ବରଂ, ପ୍ରଥମ ପତ୍ନୀ ରଞ୍ଜିତା ବେହେରାଙ୍କ ମୃତ୍ୟୁ ପରେ, ସ୍ୱର୍ଗତ ଏ. କେ. ବେହେରା, ତାଙ୍କ ଜୀବନକାଳ ମଧ୍ୟରେ ଦ୍ୱିତୀୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ ।

**10.** ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ଓ. ଏସ୍. ସି. (ଆର୍.ଏ.) ନିୟମ, 1990 ର ନିୟମ-2 (b) ଅନୁଯାୟୀ ନିର୍ଦ୍ଧାରିତ ପୂର୍ବ ସଂଶୋଧିତ ସର୍ତ୍ତାବଳୀ ଉପରେ ନିର୍ଭର କରି ଉପସ୍ଥାପନା କରନ୍ତି, ଆବେଦନକାରୀ ସ୍ୱର୍ଗତ ଏ. କେ. ବେହେରାଙ୍କର ଆଇନଗତ ଭାବରେ ବିବାହିତ ପତ୍ନୀ ହୋଇଥିବାରୁ ଉକ୍ତ ନିୟମ, 1990 ଅନୁଯାୟୀ ଅନୁକମ୍ପା ନିଯୁକ୍ତି ପାଇଁ ତାଙ୍କ ମାମଲାର ବିଚାର ପାଇଁ ହକଦାର । ସମ୍ପୃକ୍ତ କର୍ତ୍ତୃପକ୍ଷ 1990 ନିୟମାବଳୀ ଅନୁଯାୟୀ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ଭୁଲ ଭାବରେ ପଢ଼ିଥିଲେ ଏବଂ ତାଙ୍କୁ ସ୍ୱର୍ଗତ ଏ. କେ. ବେହେରାଙ୍କ ଦ୍ୱିତୀୟ ପତ୍ନୀ ବୋଲି ଅଭିଯୋଗ କରି ଅନୁକମ୍ପା ନିଯୁକ୍ତି ପାଇଁ ତାଙ୍କ ଆବେଦନକୁ ବେଆଇନ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟ, 1990 ନିୟମାବଳୀ ଅନୁଯାୟୀ ଆଇନଗତ ବ୍ୟବସ୍ଥାର ବିପରୀତ ହୋଇଥିବାରୁ, ହସ୍ତକ୍ଷେପ ଯୋଗ୍ୟ ।

**11.** ରାଜ୍ୟ-ପ୍ରତିପକ୍ଷମାନଙ୍କ ପାଇଁ ବିଜ୍ଞ ଅତିରିକ୍ତ ସ୍ଥାୟୀ ଅଧିବକ୍ତା, ଶ୍ରୀଯୁକ୍ତ ରାଉତ, ପାଲଟା ଶପଥପତ୍ରରେ ନିଆଯାଇଥିବା ଆଭିମୁଖ୍ୟକୁ ଦୋହରାଇ ଉପସ୍ଥାପନା କରନ୍ତି ଯେ ନିୟମାବଳୀ, 1990 ର ନିୟମ-2 କୁ 05.11.2016 ଅଧିସୂଚନା ମାଧ୍ୟମରେ ବାଦ ଦିଆଯାଇଛି । ସେ ଆହୁରି ମଧ୍ୟ ଉପସ୍ଥାପନା କରିଛନ୍ତି, ଇତି ମଧ୍ୟରେ 27.02.2020 ରୁ ଓଡ଼ିଶା ସିଭିଲ୍ ସେବା (ପୁନର୍ବାସ ସହାୟତା) ନିୟମ, 2020 କାର୍ଯ୍ୟକାରୀ ହୋଇଛି । ଉକ୍ତ ନିୟମାବଳୀ, 2020 ର

ନିୟମ-2 ଅଧୀନରେ ଉପ ନିୟମ (d) ଅନୁଯାୟୀ, "ପରିବାର ସଦସ୍ୟ" ଅର୍ଥ ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବ -

> *"(i) ମୃତ ସରକାରୀ କର୍ମଚାରୀଙ୍କ ପତି ବା ପତ୍ନୀ ।*
>
> *(ii) ପୁଅମାନେ କିମ୍ବା ସାବତ ପୁଅମାନେ କିମ୍ବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପୂର୍ବରୁ ନିଷ୍ପାଦିତ ହୋଇଥିବା ଏକ ପଞ୍ଜୀକୃତ ଦଲିଲ ମାଧ୍ୟମରେ ଆଇନଗତ ଭାବରେ ପୋଷ୍ୟ ପୁତ୍ରମାନେ ।*
>
> *(iii) ଅବିବାହିତ ଝିଅମାନେ ଏବଂ ଅବିବାହିତ ସାବତ ଝିଅମାନେ ।*
>
> *(iv) ମୃତ ସରକାରୀ କର୍ମଚାରୀଙ୍କ ପରିବାର ସହିତ ସ୍ଥାୟୀ ଭାବେ ବସବାସ କରୁଥିବା ବିଧବା ଝିଅମାନେ କିମ୍ବା ବୋହୂମାନେ ।*
>
> *(v) ଆଇନଗତ ଭାବେ ଛାଡ଼ପତ୍ର ପାଇଥିବା ଝିଅ ।"*

**12.** ଶ୍ରୀଯୁକ୍ତ ରାଉତ ଆହୁରି ଉପସ୍ଥାପନା କରନ୍ତି ଯେ ଆକ୍ଷେପିତ ଆଦେଶରେ କୌଣସି ଅଦୃଢ଼ତା ନାହିଁ ।

**13.** ସ୍ୱୀକାରଯୋଗ୍ୟ, ପକ୍ଷମାନଙ୍କ ଦ୍ୱାରା କରାଯାଇଥିବା ଅଭିବଚନରୁ ଏବଂ ନଥିରେ ଉପଲବ୍ଧ ଦସ୍ତାବିଜଗୁଡ଼ିକରୁ ପ୍ରକାଶ ପାଇଥିବା ଅନୁଯାୟୀ, ଆବେଦନକାରୀ 13.06.2002 ରେ ଅରୂପ କୁମାର ବେହେରାଙ୍କୁ, ତାଙ୍କ ପ୍ରଥମ ପତ୍ନୀ ରଞ୍ଜିତା ବେହେରାଙ୍କ 12.06.1999 ରେ ମୃତ୍ୟୁ ପରେ ବିବାହ କରିଥିଲେ ଏବଂ ସ୍ୱର୍ଗତ ଏ. କେ. ବେହେରାଙ୍କ ଆଇନଗତ ଭାବରେ ବିବାହିତ

ପତ୍ନୀ ହୋଇଥିଲେ, ଯିଏ 04.10.2008 ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ।

**14.** ଆହୁରି, ନଥିରୁ ଏହା ପ୍ରକାଶ ପାଇଛି ଯେ ଆବେଦନକାରୀ, ଆଇନଗତ ଭାବରେ ବିବାହିତ ପତ୍ନୀ ହୋଇଥିବାରୁ, ଉକ୍ତ ନିୟମାବଳୀ, 1990 ଅନୁଯାୟୀ ତାଙ୍କ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଫର୍ମରେ ସେହି ବିଷୟର ଆବଶ୍ୟକୀୟ ଦସ୍ତାବିଜଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଓସିଏସ୍ (ଆର୍ ଏ) ନିୟମାବଳୀ, 1990 ର ନିୟମ-8 (1) (a) ଅନୁଯାୟୀ ତୁରନ୍ତ 05.06.2009 ରେ ଆବେଦନ କରିଥିଲେ । ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆହୁରି ମାଗିବା ପରେ, ସେ ପାରିବାରିକ ଭରଣପୋଷଣ, ତାଙ୍କ ବୈବାହିକ ସ୍ଥିତି ବିଷୟରେ ଶପଥପତ୍ର ତଥା ତାଙ୍କ ପ୍ରକୃତ ବୟସ ପ୍ରମାଣ ବିଷୟରେ ଶପଥପତ୍ର ଅନ୍ୟାନ୍ୟ ଦସ୍ତାବିଜ ସହିତ ଭଦ୍ରକ ସାଳନ୍ଦୀ କେନାଲ ମଣ୍ଡଳର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ 18.01.2016 ତାରିଖର ଯୋଗାଯୋଗ ମାଧ୍ୟମରେ ଦାଖଲ କରିଥିଲେ । ଉକ୍ତ ଆବେଦନପତ୍ରକୁ ଦସ୍ତାବିଜ ସହିତ ଆନନ୍ଦପୁର ଆନିକଟ ପ୍ରକଳ୍ପ, ସାଲପଡ଼ାର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଜଳ ସମ୍ପଦ, ଓଡ଼ିଶା, ଭୁବନେଶ୍ୱରର ମୁଖ୍ୟ ଯନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ ।

**15.** ନିୟମାବଳୀ, 1990ର ନିୟମ 2 ରେ ଉପ ନିୟମ (b) ରୂପେ ପରିବାର ସଦସ୍ୟଙ୍କ ସଂଜ୍ଞା ଅନୁଯାୟୀ, "ପରିବାର ସଦସ୍ୟ" ଅର୍ଥ ଅଗ୍ରାଧିକାର କ୍ରମରେ ନିମ୍ନଲିଖିତ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବ -

> *"(i) **ସ୍ତ୍ରୀ/ସ୍ୱାମୀ;***
>
> *(ii) ପୁଅମାନେ କିମ୍ବା ସାବତ ପୁଅମାନେ କିମ୍ବା ଏକ ପଞ୍ଜୀକୃତ ଦଲିଲ ମାଧ୍ୟମରେ ଆଇନଗତ ଭାବେ ପୋଷ୍ୟ ପୁଅ;*
>
> *(iii) ଅବିବାହିତ ଝିଅମାନେ ଏବଂ ଅବିବାହିତ ସାବତ ଝିଅମାନେ;*

*(iv) ପୀଡ଼ିତ ପରିବାର ସହିତ ସ୍ଥାୟୀ ଭାବେ ରହୁଥିବା ବିଧବା ଝିଅ କିମ୍ବା ବୋହୂ ।*

*(v) ଅବିବାହିତ କିମ୍ବା ବିଧବା ଭଉଣୀ ଯିଏକି ପୀଡ଼ିତ ପରିବାର ସହିତ ସ୍ଥାୟୀ ଭାବେ ରହୁଛନ୍ତି ।*

*(vi) ଅବିବାହିତ ସରକାରୀ କର୍ମଚାରୀଙ୍କ ଭାଇ ଯିଏ ମୃତ୍ୟୁ ସମୟରେ ସେହି ସରକାରୀ କର୍ମଚାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ" ।*

*(ଗୁରୁତ୍ୱାରୋପ କରାଗଲା)*

**16.** ଯେହେତୁ ଆବେଦନକାରୀ ଏ. କେ. ବେହେରାଙ୍କ ସହିତ ତାଙ୍କ ପ୍ରଥମ ପତ୍ନୀ ରଞ୍ଜିତା ବେହେରାଙ୍କ ମୃତ୍ୟୁ ପରେ ହିଁ ବିବାହ କରିଥିଲେ ଏବଂ ସ୍ୱର୍ଗତ ଏ. କେ. ବେହେରାଙ୍କ ମୃତ୍ୟୁ ବେଳେ ତାଙ୍କ ପୁଅ ସୌମ୍ୟ ରଞ୍ଜନ ବେହେରାଙ୍କୁ ମାତ୍ର 12 ବର୍ଷ ହୋଇଥିଲା ଓ ସେହିପରି ବର୍ତ୍ତମାନର ଆବେଦନକାରୀଙ୍କ ପୁଅ ତ୍ରୈଲୋକ୍ୟ ବେହେରାଙ୍କୁ ମାତ୍ର 2 ବର୍ଷ ହୋଇଥିଲା, ଏହି ନ୍ୟାୟାଳୟର ମତ ହେଉଛି ଯେ ଆବେଦନକାରୀ, ନିୟମାବଳୀ, 1990 ଅନୁଯାୟୀ ଏକମାତ୍ର ବ୍ୟକ୍ତି ଭାବରେ ଆବେଦନ କରିବାକୁ ଯୋଗ୍ୟ ଥିଲେ, ଏବଂ ଏପରିକି ପ୍ରାଧାନ୍ୟ ଅନୁଯାୟୀ, ମୃତ କର୍ମଚାରୀଙ୍କ ପତ୍ନୀ ହୋଇଥିବାରୁ, ଉକ୍ତ ନିୟମାବଳୀ, 1990 ଅନୁଯାୟୀ ସଠିକ୍ ଭାବରେ ଆବେଦନ କରିଥିଲେ ଏବଂ ଆବଶ୍ୟକ ଅନୁଯାୟୀ ଏବଂ ମାଗିବା ପ୍ରକାରେ ସମସ୍ତ ସୂଚନା ଏବଂ ଦସ୍ତାବିଜ ପ୍ରଦାନ କରିଥିଲେ ।

**17.** ଏହି ନ୍ୟାୟାଳୟର ଆହୁରି ମତ ହେଉଛି ଯେ ନିୟମାବଳୀ, 1990 ଅନୁଯାୟୀ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିବାରେ ସମ୍ପୃକ୍ତ କର୍ତ୍ତୃପକ୍ଷ କେବଳ ଏହି ଆଧାରରେ ନ୍ୟାୟସଙ୍ଗତ ନୁହଁନ୍ତି ଯେ ସେ ସ୍ୱର୍ଗତ ଏ. କେ. ବେହେରାଙ୍କ ଦ୍ୱିତୀୟ ପତ୍ନୀ ଏବଂ ନିୟମାବଳୀ, 1990 ରେ ପୁନର୍ବାସ ସହାୟତା ଯୋଜନା ଅଧୀନରେ ଦ୍ୱିତୀୟ ପତ୍ନୀଙ୍କ ନିଯୁକ୍ତି

ପାଇଁ ଏପରି କୌଣସି ବ୍ୟବସ୍ଥା ନାହିଁ । ହିନ୍ଦୁ ବିବାହ ଅଧିନିୟମ, 1955 ର ଧାରା-5 (i) ଅନୁଯାୟୀ, ଦୁଇ ହିନ୍ଦୁଙ୍କ ମଧ୍ୟରେ ବିବାହ ବିଧିବଦ୍ ପାଳନ  କରାଯାଇପାରିବ, ଯଦି ବିବାହ ସମୟରେ କୌଣସି ପକ୍ଷର ସ୍ୱାମୀ ବା ସ୍ତ୍ରୀ ନଥାନ୍ତି । ତେଣୁ, ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଅରୂପ କୁମାର ବେହେରାଙ୍କ ଦ୍ୱିତୀୟ ବିବାହ, ଯାହା ଆଇନଗତ, କୌଣସି କ୍ଷେତ୍ରରେ ଆବେଦନକାରୀ ମୃତ କର୍ମଚାରୀଙ୍କ ଦ୍ୱିତୀୟ ପତ୍ନୀ ବୋଲି ଧରିବାର ଆଧାର ହୋଇପାରିବ ନାହିଁ ଏବଂ ହେବା ଉଚିତ ନୁହେଁ ।

**18.** ଯେପରି ସଂଲଗ୍ନକ-7ରେ ଥିବା 20.08.2015 ତାରିଖର ଚିଠିରୁ ଦେଖାଯାଇପାରେ, ଉପ ଜିଲ୍ଲାପାଳ (ପ୍ରତିଷ୍ଠାନ) ଜିଲ୍ଲାପାଳ କାର୍ଯ୍ୟାଳୟ, ବାଲେଶ୍ୱର, ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ତାଙ୍କ 22.07.2009 ତାରିଖର ଚିଠିର ଉତ୍ତରରେ ସ୍ୱର୍ଗତ ଅରୂପ କୁମାର ବେହେରାଙ୍କ ପରିବାର ସପକ୍ଷରେ ଜାରି ହୋଇଥିବା ଦୁରବସ୍ଥା ପ୍ରମାଣପତ୍ର ପଠାଇଛନ୍ତି । ଯଦିଓ ଆବେଦନକାରୀ, ସ୍ୱର୍ଗତ ଏ. କେ. ବେହେରାଙ୍କ ଆଇନଗତ ବିବାହିତ ପତ୍ନୀ ହୋଇଥିବାରୁ, ନିୟମାବଳୀ, 1990 ଅନୁଯାୟୀ 2009 ମସିହାରେ ତାଙ୍କ ନିଯୁକ୍ତି ପାଇଁ ତୁରନ୍ତ ଆବେଦନ କରିଥିଲେ, କିନ୍ତୁ 2015 ମସିହାରେ ଦୁରବସ୍ଥା ପ୍ରମାଣପତ୍ର ପାଇବା ପରେ, ଅର୍ଥାତ୍ ଛଅ ବର୍ଷ ପରେ, ଶେଷରେ ଏହାର ପ୍ରକ୍ରିୟା କରାଯାଇଥିଲା, ଯଦିଓ 2009 ମସିହାରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାପାଳଙ୍କୁ ଉକ୍ତ ମର୍ମରେ ଏକ ଅନୁରୋଧ କରାଯାଇଥିଲା । ପରିଶେଷରେ, ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଆବେଦନ ପ୍ରାୟ 17 ବର୍ଷ ପରେ ଅର୍ଥାତ୍ 12.07.2016 ରେ ସେ ମୃତ କର୍ମଚାରୀଙ୍କ ଦ୍ୱିତୀୟ ପତ୍ନୀ, ଏହି ତୁଚ୍ଛ ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

**19. AIR 2022 (SC) 2836 ରେ** ବିବୃତ ହୋଇଥିବା ***ମଳୟ ନନ୍ଦ ସେଠୀ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ*** ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ-9 ମାଧ୍ୟମରେ ନିମ୍ନମତେ ମନ୍ତବ୍ୟ ଦେଇଛନ୍ତି:

> *"9. ବର୍ତ୍ତମାନର ଆଦେଶରୁ ବିଦାୟ ନେବା ପୂର୍ବରୁ, ଆମେ ଏହା ମନ୍ତବ୍ୟ ଦେବାକୁ ବାଧ୍ୟ ଯେ ଅନୁକମ୍ପା ଆଧାରରେ*

ନିଯୁକ୍ତିର ଉଦ୍ଦେଶ୍ୟ ଏବଂ କାରଣକୁ ବିଚାର କରି, ଅର୍ଥାତ୍, **ଚାକିରିରେ ଥିବା ସମୟରେ କର୍ମଚାରୀଙ୍କ ଅକାଳ ମୃତ୍ୟୁ ପରେ ଜଣେ ମୃତ କର୍ମଚାରୀଙ୍କ ପରିବାର ଆର୍ଥିକ ଦୁର୍ଦ୍ଦଶାର ସ୍ଥିତିରେ ରହିଥାଇପାରନ୍ତି ଏବଂ ତାଙ୍କ ଅକାଳ ମୃତ୍ୟୁର ପରିଣାମ ସ୍ୱରୂପ ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାର ଆଧାର କିମ୍ବା ନୀତି ତୁରନ୍ତ ଅଟେ, କର୍ତ୍ତୃପକ୍ଷ ଯଥାଶୀଘ୍ର, ପ୍ରଚଳିତ ନୀତି ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଏହିପରି ଆବେଦନ ଉପରେ ବିଚାର କରିବା ଏବଂ ନିଷ୍ପତ୍ତି ନେବା ଆବଶ୍ୟକ, କିନ୍ତୁ ଏହିପରି ସମ୍ପୂର୍ଣ୍ଣ ଆବେଦନ ଦାଖଲ କରିବାର ତାରିଖ ଠାରୁ ଛଅ ମାସ ଅବଧି ପରେ ନୁହେଁ ।**

ଆମେ ଉପରୋକ୍ତ ନିର୍ଦ୍ଦେଶ ଦେବାକୁ ବାଧ୍ୟ ଯେହେତୁ ଆମେ ପାଇଛୁ ଯେ ଅନେକ କ୍ଷେତ୍ରରେ, ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଆବେଦନଗୁଡ଼ିକ ଠିକ୍ ସମୟରେ ସମାଧାନ କରାଯାଇ ନଥାଏ ଏବଂ ବର୍ଷ ବର୍ଷ ଧରି ପଡ଼ି ରହିଥାଏ । **ଫଳସ୍ୱରୂପ, ଅନେକ ମାମଲାରେ ଆବେଦନକାରୀଙ୍କୁ ସେମାନଙ୍କ ଆବେଦନ ଉପରେ ବିଚାର କରିବା ପାଇଁ ପରମ ଆଜ୍ଞାଦେଶ ମାଗି ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥାଏ । ଏପରି ନିର୍ଦ୍ଦେଶ ଜାରି ହେବା ପରେ ମଧ୍ୟ, ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ତୁଚ୍ଛ କିମ୍ବା ବିରକ୍ତିକର କାରଣ ଦିଆଯାଇଛି ।** ପୁଣି ଥରେ, ଆବେଦନକାରୀମାନଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରତ୍ୟାଖ୍ୟାନ ଆଦେଶକୁ ଆପତ୍ତି କରିବାକୁ ପଡିବ, ଯାହା ମୃତ କର୍ମଚାରୀଙ୍କ ପରିବାରକୁ ଅସୁବିଧାରେ ଓ ଆର୍ଥିକ ଅନଟନରେ ପକାଇ ମକଦ୍ଦମାର ବିଚାରଧୀନତା ଏବଂ ସମୟ ଅତିବାହିତ ହେବା ଆଡ଼କୁ ନେଇଥାଏ । ପୁନଶ୍ଚ, କର୍ତ୍ତୃପକ୍ଷଙ୍କୁ ଭଲ ଭାବରେ ଜଣାଥିବା କାରଣ ଏବଂ ଅପ୍ରାସଙ୍ଗିକ ବିଚାର ଉପରେ, ଅନୁକମ୍ପା ନିଯୁକ୍ତି

*ପାଇଁ କରାଯାଇଥିବା ଆବେଦନଗୁଡ଼ିକୁ ବର୍ତ୍ତମାନର ମାମଲା ପରି ଅନେକ ବର୍ଷ ପରେ  ପ୍ରତ୍ୟାଖ୍ୟାନ କରାଯାଏ କିମ୍ବା ଆଦୌ ବିଚାର କରାଯାଏ ନାହିଁ ।*

***ଯଦି ପ୍ରାସଙ୍ଗିକ ନୀତି କିମ୍ବା ନିୟମ ଅନୁଯାୟୀ ପରିକଳ୍ପିତ ଅନୁକମ୍ପା ଭିତ୍ତିରେ ନିଯୁକ୍ତିର ଉଦ୍ଦେଶ୍ୟ ଏବଂ କାରଣ ହାସଲ କରିବାକୁ ପଡିବ, ତେବେ ଏହା ନ୍ୟାୟସଙ୍ଗତ ଏବଂ ଆବଶ୍ୟକ ଯେ ଏହିପରି ଆବେଦନଗୁଡ଼ିକ ବିଳମ୍ବରେ ନୁହେଁ ବରଂ ଠିକ୍ ସମୟରେ ବିଚାର କରିବାକୁ ହେବ ।*** *ପ୍ରାୟ ଦୁଇ ଦଶନ୍ଧି ଧରି ଅନୁକମ୍ପା ନିଯୁକ୍ତି ପାଇଁ କରାଯାଇଥିବା ଆବେଦନ ସମ୍ବନ୍ଧୀୟ ବିବାଦ ସମାଧାନ ହୋଇନଥିବା ମାମଲା ଆମେ ଦେଖିଛୁ । ଫଳସ୍ୱରୂପ ଏହା ଚାକିରିରେ ଥିବା ସମୟରେ କର୍ମଚାରୀଙ୍କ ମୃତ୍ୟୁ ପରେ ଅନୁକମ୍ପା ନିଯୁକ୍ତି ପ୍ରଦାନ କରିବାର ନୀତିର ହତାଶା ବୋଧ ସୃଷ୍ଟି କରେ ।* ***ତେଣୁ ଆମେ ନିର୍ଦ୍ଦେଶ ଦେଇଛୁ ଯେ ଏହିପରି ଆବେଦନଗୁଡିକ ଯଥାଶୀଘ୍ର ବିଚାର କରାଯିବା ଉଚିତ । ବିଚାର ନ୍ୟାୟପୂର୍ଣ୍ଣ, ଯୁକ୍ତିଯୁକ୍ତ ଏବଂ ପ୍ରାସଙ୍ଗିକ ବିଚାର ଉପରେ ଆଧାରିତ ହେବା ଆବଶ୍ୟକ । ତୁଚ୍ଛ କାରଣ ଏବଂ ମାମଲାର ତଥ୍ୟର ବାହ୍ୟ କାରଣ ଆଧାରରେ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ । କେବଳ ସେତେବେଳେ ହିଁ ଅନୁକମ୍ପା ଆଧାରରେ ନିଯୁକ୍ତିର ଉଦ୍ଦେଶ୍ୟ ଏବଂ କାରଣ ହାସଲ କରାଯାଇପାରିବ ।"***

*(ଗୁରୁତ୍ୱାରୋପ କରାଗଲା)*

**20. ମଳୟ ନନ୍ଦ ସେଠୀ** (ପୂର୍ବୋକ୍ତ) ଙ୍କ ଉକ୍ତ ରାୟର ଅନୁଚ୍ଛେଦ-7 ରେ ମଧ୍ୟ ଏହା ନିମ୍ନମତେ ଅବଲୋକନ କରାଯାଇଥିଲା :

*"7. XXXX **1990** ନିୟମାବଳୀ **ଅନୁଯାୟୀ ଆବେଦନକାରୀଙ୍କୁ ନିଯୁକ୍ତ ନକରିବା ବିଭାଗ/କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଳମ୍ବ ଏବଂ/କିମ୍ବା ନିଷ୍କ୍ରିୟତାକୁ ଅଧିମୂଲ୍ୟ ପ୍ରଦାନ କରିବ । ବିଭାଗ/କର୍ତ୍ତୃପକ୍ଷଙ୍କ ତରଫରୁ ଏହା ଏକ ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ଥିଲା । ଏହି ତଥ୍ୟଗୁଡ଼ିକ ସୁପ୍ରକଟ ଏବଂ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଗ୍ରହଣ କରିବାରେ ଗୁରୁତର ବିଳମ୍ବକୁ ଦର୍ଶାଉଛି, ଯାହା ନିର୍ବିବାଦ ଭାବେ ବିଭାଗ/କର୍ତ୍ତୃପକ୍ଷଙ୍କୁ ଆରୋପ୍ୟ ।** ବାସ୍ତବରେ, ଆବେଦନକାରୀ ଅନୁକମ୍ପା ନିଯୁକ୍ତି ପାଇବା ପାଇଁ ବଞ୍ଚିତ ହୋଇଛନ୍ତି, ଯାହା ସେ ଅନ୍ୟଥା 1990 ନିୟମାବଳୀ ଅନୁଯାୟୀ ପାଇବାକୁ ହକଦାର ଥିଲେ । **ଆବେଦନକାରୀ ବିଭାଗ/କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଳମ୍ବ ଏବଂ/କିମ୍ବା ନିଷ୍କ୍ରିୟତାର ଶିକାର ହୋଇଛନ୍ତି ଯାହା ସୁଚିନ୍ତିତ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଭଲ ଭାବରେ ଜଣାଥିବା କାରଣ ପାଇଁ ହୋଇପାରେ ।** ତେଣୁ, ମାମଲାର ସ୍ୱତନ୍ତ୍ର ତଥ୍ୟ ଏବଂ ପରିସ୍ଥିତିରେ, ବୃହତ ପ୍ରଶ୍ନକୁ ଖୋଲା ଏବଂ ଏକପାଖରେ ରଖି, ଯେପରି ଏଠାରେ ଉପରେ ଅବଲୋକନ କରାଯାଇଛି, **ଆମର ମତ ହେଉଛି ଯେ ଏଠାରେ ନିୟମାବଳୀ, 1990 ଅନୁଯାୟୀ ଆବେଦନକାରୀଙ୍କୁ ନିଯୁକ୍ତିରୁ ପ୍ରତ୍ୟାଖ୍ୟାତ କରାଯାଇ ପାରିବ ନାହିଁ ।"***

*(ଗୁରୁତ୍ୱାରୋପ କରାଗଲା)*

**21.** ଉପରୋକ୍ତ ଅବଲୋକନ ଏବଂ ଆଇନର ସ୍ଥିରୀକୃତ ସ୍ଥିତିକୁ ଦୃଷ୍ଟିରେ ରଖି, ସଂଲଗ୍ନକ-14ରେ ଥିବା ଉପ ସଚିବ, ଓଡ଼ିଶା ସରକାର, ଜଳ ସମ୍ପଦ ବିଭାଗଙ୍କର ତା 12.07.2016 ରିଖର ଆକ୍ଷେପିତ ନିର୍ଣ୍ଣୟ ଏବଂ ସଂଲଗ୍ନକ-15ରେ ଥିବା ତା 28.07.2016 ରିଖର ସ୍ମାରକକୁ

ଏତଦ୍ବାରା ରଦ୍ଦ କରାଗଲା । ପ୍ରତିପକ୍ଷ ସଂଖ୍ୟା 1 ଙ୍କୁ ଆବେଦନକାରୀଙ୍କ ତା 05.06.2009 ରିଖର ଆବେଦନ ଉପରେ ଏକ ନୂତନ ନିର୍ଣ୍ଣୟ ନେବାକୁ ନିର୍ଦ୍ଦେଶ ଦିଆଗଲା ଏବଂ ଅନୁକମ୍ପା ଆଧାରରେ ନିୟମାବଳୀ, 1990 ଅନୁଯାୟୀ ଯାହା ପ୍ରାସଙ୍ଗିକ ସମୟ ମଧ୍ୟରେ ପ୍ରଚଳିତ ଥିଲା ତାଙ୍କର ନିଯୁକ୍ତିକୁ ବିଚାର କରିବା ପାଇଁ ଏବଂ ଆବେଦନକାରୀଙ୍କୁ, ଯଦି ସେ ଅନ୍ୟଥା ଉପଯୁକ୍ତ ବୋଲି ଜଣାପଡ଼ନ୍ତି, କନିଷ୍ଠ କିରାଣୀ ପଦବୀରେ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଗଲା ।

**22.** ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ଏହି ରାୟର ପ୍ରମାଣୀକୃତ ନକଲ ଯୋଗାଯୋଗ ତାରିଖ ଠାରୁ ଚାରି ସପ୍ତାହ ମଧ୍ୟରେ ଉପରୋକ୍ତ କାର୍ଯ୍ୟ ସମାପ୍ତ ହେବ ।

**23.** ତଦନୁସାରେ, ରିଟ୍ ଆବେଦନର ଫଏସଲା ହୋଇଛି । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

.................................

***ଏସ୍. କେ. ମିଶ୍ର, ନ୍ୟାୟମୂର୍ତ୍ତି***

ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ତାରିଖ, 26 ଜୁନ, 2023/ବନିତା

ଅସ୍ବୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ